# ଶିକ୍ଷା ଏବଂ ସାକ୍ଷରତାକୁ ନେଇ ଜନ ଇସ୍ତାହାର

**ଆମେ, ଭାରତର ନାଗରିକ ଦାବୀ କରୁଛୁ ଯେ,**

୧) ସମ୍ବିଧାନର ନୀତି ଓ ପ୍ରତିବଦ୍ଧତା ଅନୁଯାୟୀ ଶିକ୍ଷା ନୀତି ପ୍ରଣୟନ ହେବା ଉଚିତ ।

୨) ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ବେଳେ ସମ୍ବିଧାନର ବିଧିବ୍ୟବସ୍ଥା ଅନୁସାରେ ଗଣତାନ୍ତ୍ରିକ, ସମାନତା ଏବଂ ନିରପେକ୍ଷତା, ସାମାଜିକ ନ୍ୟାୟ ଏବଂ ସମସ୍ତଙ୍କୁ ସମାନ ସୁବିଧା ଦେବାକୁ ଭିତ୍ତି କରି ଗୁରୁତ୍ୱ ଦିଆଯାଉ ।

୩) ଶିକ୍ଷା ଅଧିକାର ଆଇନର ପରିସରରେ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ସାମିଲ କରାଯାଉ, ଯାହାକି ସାରା ବିଶ୍ୱରେ ଶିଶୁ ଭାବରେ ଧରି ନିଆଯାଉଛି । ପ୍ରାକ-ପ୍ରାଥମିକ ଯତ୍ନ ଏବଂ ଶିକ୍ଷା, ମାଧ୍ୟମିକ ଶିକ୍ଷା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାକୁ ଆଇନଗତ ଅଧିକାରଭୁକ୍ତ ଭାବରେ ଗ୍ରହଣ କରାଯାଉ ।

୪) ଶିକ୍ଷା ଅଧିକାର ଆଇନର ଯେଉଁ ମହତ୍ୱ ଉଦ୍ଦେଶ୍ୟ ରହିଛି, ସେହି ଦୃଷ୍ଟିକୁ ନେଇ କାର୍ଯ୍ୟକାରି କରାଯାଉ ଏବଂ ରାଜ୍ୟ କିଭଳି ସଠିକ୍‌ରେ ପ୍ରୟୋଗ ଓ କାର୍ଯ୍ୟକାରି ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଉ ।

୫) ପଛୁଆ ବର୍ଗ ଯଥା ଅନୁସୂଚିତ ଜାତି, ଜନଜାତି, ଗ୍ରାମୀଣ ବାଳିକା, ସଂଖ୍ୟାଲଘୁ ବର୍ଗ, ଦାଦନ ଖଟିବାକୁ ଯାଉଥିବା ପରିବାର ଶିଶୁ ଇତ୍ୟାଦ)ଙ୍କ ନିମନ୍ତେ ଶିକ୍ଷା ନୀତିକୁ ଭଲଭାବରେ ସମୀକ୍ଷା କରାଯାଉ ଏବଂ ସେମାନଙ୍କର ଶିକ୍ଷାର ଉନ୍ନତି ପାଇଁ ଶିକ୍ଷା ନୀତିରେ ଉପଯୁକ୍ତ ପରିବର୍ତ୍ତନ ସ୍ୱତନ୍ତ୍ର ଭାବରେ ମିଶନ ଭାବରେ କାର୍ଯ୍ୟକାରି କରାଯାଉ ।

୬) ସମସ୍ତ ସ୍କୁଲ ପରିବେଶ ଏବଂ ଆଦ୍ୟ ଶିଶୁ ଯତ୍ନ ଏବଂ ଶିକ୍ଷା କେନ୍ଦ୍ରଗୁଡ଼ିକ ତଥା ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ନିମନ୍ତେ ଯେଉଁ ପ୍ରାବଧାନ ରହିଛି, ସେମାନଙ୍କର ସୁରକ୍ଷା ଏବଂ ସାମାଜିକ ଅର୍ନ୍ତଭୁକ୍ତିକୁ ଗୁରୁତ୍ୱ ଦିଆଯାଉ । ପଛୁଆ ବର୍ଗ, ଆଦିବାସୀ, ସଂଖ୍ୟାଲଘୁ ଶିଶୁ, ମୁଖ୍ୟତଃ ବାଳିକା ଏବଂ ଶିଶୁ ଯେଉଁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି, ଏହି ଗୋଷ୍ଠୀ କୌଣସି ଯେପରି ଶିକ୍ଷା ପାଇବାକୁ ବଂଚିତ ହେବେନାହିଁ, ସେଥିପ୍ରତି ତଦାରଖ କରିବା ସହିତ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ।

୭) ସମାଜ ପରିବର୍ତ୍ତନର ବାର୍ତାବହ ଶିକ୍ଷା ହେବା ଉଚିତ । ମହିଳାଙ୍କର ସାମର୍ଥ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା, ସେମାନଙ୍କର ସମାଜରେ ସ୍ଥିତିର ଉନ୍ନତି କରିବା ଏବଂ ଅସମାନତା ବିରୁଦ୍ଧରେ ଲଢ଼େଇ କରିବା ଶିକ୍ଷା ଦ୍ୱାରା ପରିବର୍ତ୍ତନ ଆସିବା ଉଚିତ ।

୮) ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ଶ୍ରମିକ ହେବେ ନାହିଁ, ସେଥିପ୍ରତି ଗୁରୁତ୍ୱ ଦିଆଯାଉ । ଧାରା ୩ରେ ଶିଶୁ ଶ୍ରମିକ (ପ୍ରୋହିବିଶନ ଏବଂ ରେଗୁଲେସନ )ପରିବର୍ତ୍ତନ ଆଇନ, ୨୦୧୬, ଯାହାକି ପାରିବାରିକ ବ୍ୟବସାୟ ଶ୍ରମ କରିବାକୁ ଗ୍ରହଣ କରାଯାଇଥିଲା, ତାହାକୁ ଉଚ୍ଛେଦ କରାଯାଉ ।

୯) ସମାନ ପ୍ରକାର ସ୍କୁଲ ବ୍ୟବସ୍ଥାକୁ କାର୍ଯ୍ୟକାରି କରାଯାଉ । ଶିକ୍ଷାରେ ଭିନ୍ନ ଭିନ୍ନ ପ୍ରକାର ଶିକ୍ଷା ବ୍ୟବସ୍ଥାକୁ ହଟାଯାଉ, ଯାହାକି ସମାଜରେ ଅସମାନତା ବଢ଼ାଉଛି ।

୧୦) କୋଠାରୀ କମିଶନର ପରାମର୍ଶ ଏବଂ ଜାତୀୟ ଶିକ୍ଷା ନୀତିରେ ଜି.ଡ଼ି.ପିର ଶତକଡ଼ା ୬ ଭାଗ ଶିକ୍ଷା ନିମନ୍ତେ ଖର୍ଚ୍ଚ କରିବା କହିବାଅନୁସାରେ ବଜେଟର ଶତକଡ଼ା ୬ ଭାଗ ଶିକ୍ଷା ବଜେଟ ବ୍ୟବସ୍ଥା କରାଯାଉ ।

୧୧) ଶିକ୍ଷା ଅଧିକାର ଆଇନର ଧାରା ୧୬, ଯାହାକି ଶିଶୁର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧିକାର ହେଉଛି ଶିକ୍ଷା ଅଧିକାର ଆଇନ, ଶିକ୍ଷା ଅଧିକାର ଆଇନ ସଠିକ କାର୍ଯ୍ୟକାରି ହେବା ଏବଂ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ । ଶିକ୍ଷାର ଅବ୍ୟବସ୍ଥା ଦ୍ୱାରା ଯେପରି ଶିଶୁମାନେ ବିଦ୍ୟାଳୟ ବାହାରେ ରହିବେ ନାହିଁ କିମ୍ବା ସେମାନେ ବିଦ୍ୟାଳୟରୁ ବାହାର ହେବା ପାଇଁ ବାଧ୍ୟ ହେବେ, ସେଥିପ୍ରତି

ବିଶେଷ ଗୁରୁତ୍ୱ ଦିଆଯାଉ ।

୧୨) ସରକାର ସରକାରୀ ବିଦ୍ୟାଳୟକୁ ଅନାବଶ୍ୟକତା ଖର୍ଚ୍ଚ କାଟ ନିମନ୍ତେ ବନ୍ଦ କରିଦେବା କିମ୍ବା ଅନ୍ୟ ବିଦ୍ୟାଳୟକୁ ମିଶାଇ ଦେବାକୁ ଯେଉଁ ବ୍ୟବସ୍ଥା କରି ଚାଲିଛନ୍ତି, ତାହାକୁ ବନ୍ଦ କରାଯାଉ ।

୧୩) ଶ୍ରେଣୀ ଅନୁଯାୟୀ ନିୟମିତ ଶିକ୍ଷକଙ୍କୁ ନିଯୁକ୍ତି କରାଯାଉ ।

୧୪) ଶିକ୍ଷକଙ୍କର ସାମର୍ଥ୍ୟ ବିକାଶ ଦିଗରେ ବ୍ୟବସ୍ଥା କରାଯାଉ ।

୧୫) ଠିକ୍ ଶିକ୍ଷକ ନିଯୁକ୍ତି ଦେଇ ଶିକ୍ଷକଙ୍କୁ ଯେପରି ଶୋଷଣ କରାଯାଉଛି, ତାହା ବନ୍ଦ ହେଉ ।

୧୬) ସମ୍ବିଧାନର ଲକ୍ଷ୍ୟ ଅନୁସାରେ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଉ । ସମ୍ବିଧାନରେ ଦିଆଯାଇଥିବା ଉଦ୍ଦେଶ୍ୟ ସମ୍ପର୍କରେ ଶିଶୁ ଯେପରି ହୃଦବୋଧ କରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଉ । ଦେଶର ବିବିଧତାକୁ ନେଇ ଜାତୀୟ ଶିକ୍ଷା ଖସଡ଼ା ପ୍ରସ୍ତୁତ ହେଉ, ଶିକ୍ଷାଦାନ ବ୍ୟବସ୍ଥା ମାତୃଭାଷାରେ ହେଉ ଏବଂ ଯେପରି କୌଣସି ଗୋଟିଏ ଭାଷା ହିଁ ଶିକ୍ଷାଦାନର ମାଧ୍ୟମ ହେବ ନାହିଁ, ସେଥିପ୍ରତି ପଦକ୍ଷେପ ନିଆଯାଉ ।

୧୭) ମାଧ୍ୟମିକ ଶିକ୍ଷା ଏବଂ ଉଚ୍ଚ ଶିକ୍ଷା ମଧ୍ୟରେ ସଠିକ୍ ସମନ୍ୱୟ ରହିବା ଭଳି ବ୍ୟବସ୍ଥା କରାଯାଉ ।

୧୮) ଶିକ୍ଷାରେ ଅଣ-ଅମଲାତନ୍ତ୍ର ଏବଂ ବିକେନ୍ଦ୍ରୀକରଣକୁ ଗ୍ରହଣ କରାଯାଉ ।

୧୯) ସମସ୍ତ ଶିଶୁ ଯେପରି ସମସ୍ତ ଆଧୁନିକ ଜ୍ଞାନକୌଶଳ ଶିକ୍ଷା ସୁବିଧା ପାଇବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଉ ।

୨୦) ଶିକ୍ଷକଙ୍କ ଶିକ୍ଷା ବ୍ୟବସ୍ଥାକୁ ଢ଼ାଞ୍ଚାରେ ପରିବର୍ତ୍ତନ ବା ପୁନଃ ସମୀକ୍ଷା କରାଯାଉ ଯାହାଦ୍ୱାରା କି ଶିକ୍ଷକମାନେ ପ୍ରଫେସନାଲ ହୋଇପାରିବେ ।

୨୧) ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କ ସେମାନଙ୍କର କାର୍ଯ୍ୟକୁ ସୁଯୋଗ ଓ ଗଣତାନ୍ତ୍ରିକ ଅଧିକାର ଏବଂ ଏହାକୁ ଗୁରୁତ୍ୱ ଦିଆଯାଉ ।

୨୨) ମଧ୍ୟାହ୍ନଭୋଜନର ଗୁଣାତ୍ମକତାକୁ ବୃଦ୍ଧି କରାଯାଉ ଏବଂ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମଧ୍ୟାହ୍ନଭୋଜନ ଦିଆଯିବାର ବ୍ୟବସ୍ଥା କରାଯାଉ ।

୨୩) ଭିନ୍ନକ୍ଷମ / ଯେଉଁ ଶିଶୁମାନେ ସ୍ୱତନ୍ତ୍ର ଆବଶ୍ୟକତା କରନ୍ତି, ସେମାନଙ୍କ ନିମନ୍ତେ ଉପଯୁକ୍ତ ଯତ୍ନ ଏବଂ ଶିକ୍ଷା ପାଇବେ, ସେଥିପ୍ରତି ଦୃଷ୍ଟି ଦିଆଯାଉ ।

୨୪) ସମାଜରେ ନିରକ୍ଷର ହଟାଇବା ପାଇଁ ସାକ୍ଷରତା କାର୍ଯ୍ୟକ୍ରମକୁ ଏକ ସାମାଜିକ ଅଙ୍ଗୀକାରବଦ୍ଧତା ଭାବରେ ପୁଣିଥରେ ମିଶନ୍ ଭାବରେ କାର୍ଯ୍ୟକ୍ରମ କାର୍ଯ୍ୟକାରି କରାଯାଉ ।